## ବାହୁଡ଼ା ପାଇଁ ନୀତି ନିର୍ଘଣ୍ଟ

# ସକାଳ ୮ଟାରେ ପହଣ୍ଡି ଓ ୧୨ଟାରେ ରଥଟଣା

ପୁରୀ,୨୯।୬/ଏନ୍‌ଏନ୍‌ଏସ୍:

ଆସନ୍ତା ବୁଧବାର ଦିନ ଅନୁଷ୍ଠିତ ହେବ
ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପ୍ରସିଦ୍ଧ ବାହୁଡ଼ା
ଯାତ୍ରା। ଏଥିପାଇଁ ନୀତିନିର୍ଘଣ୍ଟ ପ୍ରସ୍ତୁତ
ହୋଇସାରିଛି। ନୀତିନିର୍ଘଣ୍ଟ ଅନୁଯାୟୀ
ବୁଧବାର ଭୋର୍ ୪ଟାରେ ମଙ୍ଗଳ ଆଳତି,
୪ଟା ୧୫ରେ ମଇଲମ, ୪ଟା ୩୦ରେ
ତଡ଼ପଲାଗି ଓ ରୋଷହୋମ, ୫ଟାରେ
ଅବକାଶ, ୫ଟା ୧୫ରେ ସୂର୍ଯ୍ୟପୂଜା, ୫ଟା
୩୦ରେ ଦ୍ୱାରପାଳ ପୂଜା ଓ ବେଶ ଶେଷ
ହେବ। ୫ଟା ୪୫ରୁ ୬ଟା ୪୫ ମଧ୍ୟରେ
ସମ୍ପନ୍ନ ହେବ ଗୋପାଳ ବଲ୍ଲଭ ଓ ସକାଳ
ଧୂପ(ଖେଚୁଡ଼ି ଭୋଗ)। ସକାଳ ୭ଟାରୁ
୭ଟା ୩୦ମିନିଟ୍ ମଧ୍ୟରେ ସେନାପଟା ଲାଗି
କରାଯାଇ ୭ଟା ୪୫ରେ ମଙ୍ଗଳାର୍ପଣ
କରାଯିବ। ପୂର୍ବାହ୍ନ ୮ଟାରେ ବାହୁଡ଼ା ପହଣ୍ଡି
ଆରମ୍ଭ ହୋଇ ଦିନ ୧୦ଟାରେ ଶେଷ
ହେବ। ୯ଟାରୁ ୧୦ଟା ୩୦ ମଧ୍ୟରେ
ବେଶ, ୧୦ଟା ୩୦ରୁ ୧୧ଟା ୩୦ ମିନିଟ୍
ମଧ୍ୟରେ ଛେରାପହଁରା ନୀତି ସମ୍ପନ୍ନ ହେବ।
୧୧ଟାରୁ ୧୨ଟା ମଧ୍ୟରେ ଚାରମାଳ
ଫିଟାଯାଇ ଘୋଡ଼ା ଲାଗିବ ଓ ଦିନ
୧୨ଟାରେ ରଥଟଣା ଆରମ୍ଭ ହେବ ବୋଲି
ନୀତିନିର୍ଘଣ୍ଟରେ ସମୟ ଧାର୍ଯ୍ୟ କରାଯାଇଛି।